# NATIONAL NEWS BULLETIN (ODIA)
## 06th September - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଭାରତକୁ ୨୦୨୯ ମସିହା ସୁଦ୍ଧା ନିଶାମୁକ୍ତ କରିବା ଲାଗି ତିନିବର୍ଷିଆ ରୂପରେଖ ପ୍ରସ୍ତୁତ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

— ଦିଲ୍ଲୀ ଅଟ୍ଟାଳିକା ଭୁଷୁଡ଼ିବା କାରଣରୁ ଗୋଆରେ ବିଭିନ୍ନ କାର୍ଯ୍ୟକ୍ରମ ବାତିଲ୍ ।

- ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜପାଇଁ ଦାୟିତ୍ୱସମ୍ପନ୍ନ ନାଗରିକ ସୃଷ୍ଟି କରିବା ଉପରେ ଉପରାଷ୍ଟ୍ରପତିଙ୍କ ଗୁରୁତ୍ୱ ।
- ଶ୍ରୀଲଙ୍କାକୁ ଆସନ୍ତା ମଙ୍ଗଳବାରଠାରୁ ତିନିଦିନିଆ ଗସ୍ତରେ ଯିବେ ପ୍ରତିରକ୍ଷା ମନ୍ତ୍ରୀ ।
- ମଧ୍ୟପ୍ରଦେଶରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ୧୦କୁ ବୃଦ୍ଧି ।

ଏବଂ

- ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟାଇଟଲ୍ ହାସଲ କଲେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ଓ ଚିରାଗ ସେଟ୍ଟୀ ।

## ଶାହା - ଗୋଆ ଭିଜିଟ୍ କଲ୍‌ଡ ଅଫ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା' ୨୦୨୯ ମସିହା ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ଲାଗି ତିନିବର୍ଷିଆ ରୂପରେଖ ପ୍ରସ୍ତୁତ କରାଯାଇଥିବା କହିଛନ୍ତି । ନିଷା ଔଷଧ ବିରୋଧରେ ଜାତୀୟ ଅଭିଯାନ ଗ୍ରହଣ କରିବାପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାଲାଗି ଆହ୍ୱାନ ଦେଇଛନ୍ତି । ଗୋଆକୁ ତିନିଦିନିଆ ଗସ୍ତରେ ଯାଇ ସେଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ୨୦୧୯ ପରଠାରୁ ନିଶା କାରବାରକୁ ବନ୍ଦ କରିବା ଲାଗି ପୁନର୍ଥଇଥାନ, ଆର୍ଥିକ କାରବାରର ତଦନ୍ତ, ଗୁଇନ୍ଦା ଯୋଗାଯୋଗ ଏବଂ ଚଢ଼ଉ ଅଭିଯାନକୁ ସରକାର ତ୍ୱରାନ୍ୱିତ କରିଛନ୍ତି । ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ପ୍ରାୟ ୧ ଲକ୍ଷ ୮୯ ହଜାର କୋଟି ଟଙ୍କା ମୂଲ୍ୟର ୧ କୋଟି ୧୯ ଲକ୍ଷ କିଲୋଗ୍ରାମ୍‌ର ନିଶାଦ୍ରବ୍ୟ ଜବତ କରାଯାଇଛି ।

***Voice (Amit Shah)*** :.......

୪ଟି ପ୍ରମୁଖ ବିଷୟ ଉପରେ ପ୍ରାଧାନ୍ୟ ଦିଆଯାଇ ରୂପରେଖ ପ୍ରସ୍ତୁତ କରାଯାଇଛି । ସେଗୁଡ଼ିକ ହେଲା - ଗୁଇନ୍ଦା ଏବଂ କାର୍ଯ୍ୟାନ୍ୱୟନଭିତ୍ତିକ ଚଢ଼ଉ, ସିନ୍ଥେଟିକ୍ ନିଶା କାରବାର ନିୟନ୍ତ୍ରଣ, ନିଶାଦ୍ରବ୍ୟର ଚାହିଦା ଓ ଏହାର କୁପରିଣାମ ହ୍ରାସ ଏବଂ ଦକ୍ଷତା ଗଠନ ଓ ସମନ୍ୱୟ । କେନ୍ଦ୍ର ସରକାର

୧୦୦ଟି ଆନ୍ତର୍ଜାତିକ ଏବଂ ଆନ୍ତଃରାଜ୍ୟ ନିଶାଦ୍ରବ ନେଟ୍‌ଓ୍ୱାର୍କକୁ ଧ୍ୱଂସ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି । ସେହିପରି ଆସନ୍ତା ୩ ବର୍ଷ ମଧ୍ୟରେ ୧୦୦ଟି ନିଶାଦ୍ରବ୍ୟ ପରୀକ୍ଷାଗାରକୁ ବନ୍ଦ କରିବା ଲାଗି ମଧ୍ୟ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ସରକାରଙ୍କ ଏହି ଅଭିଯାନ ମାଧ୍ୟମରେ ୫୦ କୋଟି ନାଗରିକଙ୍କୁ ନିଶା ସେବନଠାରୁ ଦୂରେଇ ରଖିବା ସହ ୧ ଲକ୍ଷ ନିଶାମୁକ୍ତ ମିତ୍ର ସୃଷ୍ଟି କରିବାର ଯୋଜନା ରହିଛି । ସେହିପରି ନିଶାନିବାରଣ କେନ୍ଦ୍ର ସଂଖ୍ୟା ୧ ହଜାର ୭୫୧କୁ ବୃଦ୍ଧି କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି ।

ଶ୍ରୀ ଶାହା’ ଗୋଆ ବି.ଜେ.ପି. ମୁଖ୍ୟ କାର୍ଯ୍ୟାଳୟରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ବାତିଲ୍ କରିଛନ୍ତି । ଦକ୍ଷିଣ-ପଶ୍ଚିମ ଦିଲ୍ଲୀ ସତ୍ୟ ନିକେତନଠାରେ ବହୁତଳ ଅଟ୍ଟାଳିକା ଭୁଷୁଡ଼ି ପଡ଼ିବା ଘଟଣା ପରେ ତାଙ୍କର କାର୍ଯ୍ୟକ୍ରମ ବାତିଲ୍ କରିଛନ୍ତି । ଗୋଆର କଦମ୍ବ ପ୍ଲାଟିୟୁଠାରେ ନୂତନ ଭାବେ ନିର୍ମିତ ବି.ଜେ.ପି. ରାଜ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ଥିଲା । ଶ୍ରୀ ଶାହା ସେଠାରେ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ସହ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିଲା । ଶ୍ରୀ ଶାହାଙ୍କର ଆସନ୍ତାକାଲି ୨୮ତମ ପଶ୍ଚିମାଞ୍ଚଳ ଜୋନାଲ୍ ପରିଷଦ ବୈଠକ ଏବଂ ଗୋଆ ପୁଲିସକୁ ରାଷ୍ଟ୍ରପତିଙ୍କ ପୋଲିସ୍ କଲର୍ ପ୍ରଦାନ ଉତ୍ସବରେ ଯୋଗଦେବାକର କାର୍ଯ୍ୟକ୍ରମ ଥିଲା । ଶ୍ରୀ ଶାହା ଗୋଆରୁ ଆଜି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# ଦିଲ୍ଲୀ ବିଲ୍ଡିଂ କୋଲାପ୍ସ

ନୂଆଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଆଜି ଏକ ପାଞ୍ଚମହଲା ବିଶିଷ୍ଟ ଅଟ୍ଟାଳିକା ଭୁଷୁଡ଼ି ପଡ଼ିଛି । ଦିଲ୍ଲୀ ଅଗ୍ନିଶମ  ବାହିନୀ ୩ ଜଣ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ୧୮ଟି ଅଗ୍ନିଶମ ଦଳ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଦିଲ୍ଲୀ ଉପରାଜ୍ୟପାଳ ତରଣଜିତ୍ ସିଂହ ସାନ୍ଧୁ ସମସ୍ତ ବିଭାଗକୁ ସମନ୍ୱୟ ରଖି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସାନ୍ଧୁ କହିଛନ୍ତି, ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ପରିସ୍ଥିତିକୁ ଦୃଷ୍ଟିରେ ରଖି ନିକଟସ୍ଥ ଅଟ୍ଟାଳିକାଗୁଡ଼ିକୁ ଖାଲି କରିବା ସହ ଭଗ୍ନ ଅଟ୍ଟାଳିକା ମଧ୍ୟରୁ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ସମସ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଭି.ପି. - ଗୋଲ୍ଡେନ୍ ଜୁବିଲି

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍' ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରମାନଙ୍କର କ୍ୟାରିୟର ଗଠନ ଉପରେ ଜୋର୍ ନ ଦେଇ ଗଣତନ୍ତ୍ର ଏବଂ ସମାଜ ପାଇଁ

ଏକ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ି ତୋଳିବା ଲାଗି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗୁଆହାଟୀଠାରେ ଆଜି ଗୀତାନଗର ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ରାଷ୍ଟ୍ରର ପ୍ରଗତିପାଇଁ ଗୁଣାତ୍ମକ ଶିକ୍ଷା, ଗବେଷଣା ଏବଂ ଚରିତ୍ର ଗଠନର ଆବଶ୍ୟକତା ରହିଛି । ଉପରାଷ୍ଟ୍ରପତି' ଉଚ୍ଚତର ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ସଫଳତା ଉପରେ ଆଲୋକପାତ କରି କହିଛନ୍ତି, ଏହା ହେଉଛି ଏକ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ଏବଂ ନାରୀଶକ୍ତିର ପ୍ରତିଫଳନ । ମହିଳାମାନଙ୍କୁ ଉଚିତ ଶିକ୍ଷା ଏବଂ ଉପଯୁକ୍ତ ସୁଯୋଗ ପ୍ରଦାନଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ବାସ୍ତବରେ ସଶକ୍ତ ହୋଇପାରିବେ ବୋଲି ଉପରାଷ୍ଟ୍ରପତି କହିଛନ୍ତି । ଆସାମର ବିକାଶ ସମ୍ପର୍କରେ ଅବତାରଣା କରି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ଆସାମର ଅର୍ଥନୀତି ୪୫ ପ୍ରତିଶତ ବୃଦ୍ଧି ପାଇଛି ଏବଂ ସେଠାରେ ମୁଣ୍ଡପିଛା ଆୟ ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ୫୪ ପ୍ରତିଶତ ବୃଦ୍ଧି ଘଟିଛି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନେଇ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟକୁ ପୂରଣ କରିବା ଦିଗରେ ପ୍ରତିଟି ରାଜ୍ୟ, ଅଞ୍ଚଳ ବିଶେଷକରି ଉତ୍ତର-ପୂର୍ବାଞ୍ଚଳର ସମାବେଶୀ ବିକାଶର ଆବଶ୍ୟକତା ରହିଛି । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଆସାମକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି ।

## ରାଜନାଥ - ଶ୍ରୀଲଙ୍କା ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ମଙ୍ଗଳବାରଠାରୁ ତିନିଦିନିଆ ଶ୍ରୀଲଙ୍କା ଗସ୍ତରେ ଯିବେ । ଶ୍ରୀ ସିଂହ ଶ୍ରୀଲଙ୍କାରେ ବରିଷ୍ଠ ନେତୃବୃନ୍ଦ ଏବଂ କଲମ୍ବୋଠାରେ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବେ । ସେ ମଧ୍ୟ ପ୍ରତିରକ୍ଷା ଏବଂ ବୈଦେଶିକ ମନ୍ତ୍ରଣାଳୟର ବରିଷ୍ଠ ନେତୃବୃନ୍ଦଙ୍କ ଉଚ୍ଚସ୍ତରୀୟ ବୈଠକର ନେତୃତ୍ୱ ନେବେ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଶ୍ରୀ ସିଂହଙ୍କର ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ପାରମ୍ପରିକ ସମ୍ପର୍କ ଏବଂ ବିକାଶକୁ ଆହୁରି ମଜବୁତ କରିବ । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ବୃଦ୍ଧି ପାଉଥିବା ସାଂସ୍କୃତିକ ସମ୍ପର୍କ, ସୁରକ୍ଷା, ଆର୍ଥିକ ଏବଂ ବାଣିଜ୍ୟିକ ସହଯୋଗକୁ ସୁଦୃଢ଼ କରିବ ।

## ଏନ୍‌ଭାର୍ଣ୍ଣମେଣ୍ଟ ମିନିଷ୍ଟର

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ’ ଜୈବ ବିବିଧତା ଏବଂ ପାରମ୍ପରିକ ଜ୍ଞାନକୁ ନେଇ ଦସ୍ତାବିଜ୍ ପ୍ରସ୍ତୁତି ନେଇ ସ୍ଥାନୀୟ ସ୍ତରରେ ଯୋଜନାର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ଚଣ୍ଡୀଗଡ଼ଠାରେ ରାଜ୍ୟ ଜୈବ ବିବିଧତା ବୋର୍ଡ଼ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଜୈବ ବିବିଧତା ପରିଷଦ

ଜାତୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଯାଦବ କହିଛନ୍ତି, ଜୈବ ବିବିଧତା ରେଜିଷ୍ଟର୍‌ଗୁଡ଼ିକୁ ସ୍ଥାନୀୟ ସଂସ୍ଥାଦ୍ୱାରା ପ୍ରଭାବଶାଳୀ ଢଙ୍ଗରେ ପ୍ରସ୍ତୁତ କରିବା ଆବଶ୍ୟକ । ଏହାଦ୍ୱାରା ସ୍ଥାନୀୟ ଜୈବ ବିବିଧତା ଏବଂ ସମ୍ପୃକ୍ତ ପାରମ୍ପରିକ ଜ୍ଞାନର ଉପଯୋଗ ହେବା ସହ ସେହି ଅଞ୍ଚଳର ବିକାଶ ହୋଇପାରିବ । ଶ୍ରୀ ଯାଦବ' ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଜୈବ ବିବିଧତା ସଂଶୋଧନ ଆଇନ-୨୦୨୩ ଏବଂ ଜୈବ ବିବିଧତା ନିୟମ-୨୦୨୪ର ଅନୁରୂପ ନିୟମ ଏବଂ ସଂସ୍ଥାଗତ ବ୍ୟବସ୍ଥା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ଯାଦବ' ଭାରତର ଦୀର୍ଘକାଳୀନ ପରିବେଶ ନୀତି ଉପରେ ଆଲୋକପାତ କରି ମିଶନ ଲାଇଫ୍ 'ଏକ୍ ପେଡ୍ ମା କେ ନାମ', ଅମୃତ ସରୋବର ଏବଂ ଗ୍ରୀନ୍ କ୍ରେଡିଟ୍ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ କହିଥିଲେ । ଜାତୀୟ ଜୈବ ବିବିଧତା ପ୍ରାଧିକରଣ ପକ୍ଷରୁ ଆଜିଠାରୁ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଛି ।

## ଭି.ପି. - ଝାଡ଼ଖଣ୍ଡ ମିନିଷ୍ଟର କଣ୍ଡୋଲେନ୍ସ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍' ଝାଡ଼ଖଣ୍ଡ ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ଝାଡ଼ଖଣ୍ଡବାସୀଙ୍କପାଇଁ ତାଙ୍କର ସେବା

ଏବଂ ଅବଦାନ ଚିରସ୍ମରଣୀୟ ହୋଇ ରହିବ । ତାଙ୍କ ପରିବାରବର୍ଗ ଏବଂ ଝାଡ଼ଖଣ୍ଡବାସୀଙ୍କ ପାଇଁ ଉପରାଷ୍ଟ୍ରପତି ସମବେଦନା ଜ୍ଞାପନ କରିଛନ୍ତି ।

## ବିହାର ଫ୍ଲଡ୍ ସିଚୁଏସନ୍

ବିହାର ବନ୍ୟା ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ଗଙ୍ଗା, ଗଣ୍ଡକ ଏବଂ କୋଶୀ ସମେତ ଅଧିକାଂଶ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଗଙ୍ଗାନଦୀର ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାପାଇଁ ପରାମର୍ଶ ଦିଆଯାଇଛି । ପାଟନାର ବିଭିନ୍ନ ଘାଟରେ ବନ୍ୟାଜଳ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଜଳସମ୍ପଦ ବିଭାଗ ପକ୍ଷରୁ ବେଗୁସରାଇ, ଲଖିସରାଇ, ମୁଙ୍ଗେର, ଭାଗଲପୁର କଟିହାର ଜିଲ୍ଲାର ବିଭିନ୍ନ ସ୍ଥାନର ଜଳସ୍ତର, ଗଙ୍ଗାନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ।

## ଏମ୍.ପି. - ସ୍ପୋରିୟସ୍

ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ୧୦କୁ ବୃଦ୍ଧି ପାଇଛି । ସାଗର ଜିଲ୍ଲାପାଳ ପ୍ରତିଭା ପାଲ୍ କହିଛନ୍ତି, ପ୍ରାୟ ୩୫

ଜଣଙ୍କୁ ଚିକିତ୍ସାପାଇଁ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରେ କେତେକଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କୁ ବୁନ୍ଦେଲଖଣ୍ଡ ମେଡିକାଲ୍ କଲେଜ ଏବଂ ସାଗର ଜିଲ୍ଲା ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ସାଗର ଜିଲ୍ଲା ଅନ୍ତର୍ଗତ ବଣ୍ଡା ତହସିଲ ଅଞ୍ଚଳରେ ଏହି ଘଟଣା ଘଟିଛି । ମୃତକମାନେ ବରାଜ ଗ୍ରାମର ଅଧିବାସୀ ବୋଲି ଜଣାପଡ଼ିଛି । ପୋଲିସ୍ ଏବଂ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ, ଦାୟିତ୍ୱରେ ଥିବା ମନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ତୁରନ୍ତ ଘଟଣାର ତଦନ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ଘଟଣା ସହିତ ସମ୍ପୃକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ୟୁ.ଏସ୍.-ରୁଷ୍-ୟୁକ୍ରେନ୍

ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜାରେଡ୍ କୁଶନର୍ ଆଜି ୟୁକ୍ରେନ୍‌ର କିଭ୍‌କୁ ପ୍ରଥମ ସରକାରୀ ଗସ୍ତ କରିଛନ୍ତି । ରୁଷ-ୟୁକ୍ରେନ୍ ବିବାଦର ଶାନ୍ତିପୂର୍ଣ୍ଣ ଆଲୋଚନାପାଇଁ ଉଭୟଙ୍କୁ ଆମେରିକା ପକ୍ଷରୁ ପଠାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର୍ ଜେଲେନେସ୍କି କହିଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିନିଧିମାନଙ୍କ ସହ ଗଠନମୂଳକ ଆଲୋଚନାପାଇଁ କିଭ୍ ପ୍ରସ୍ତୁତ ଅଛି । ମସ୍କୋଠାରେ ଗତକାଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ସହ ଆଲୋଚନା ପରେ ଆମେରିକାର ଏହି ଦୁଇ ରାଷ୍ଟ୍ରଦୂତ ୟୁକ୍ରେନ୍ ଗସ୍ତ କରିଥିବା ସୂଚନା ମିଳିଛି । ଦୁଇ ରାଷ୍ଟ୍ର ମଧ୍ୟରେ ବୁଝାମଣାକୁ ତ୍ୱରାନ୍ୱିତ କରିବା

ଲକ୍ଷ୍ୟରେ ଏହି ଗସ୍ତ ଉଦ୍ଦିଷ୍ଟ । ରୁଷ୍ ରାଷ୍ଟ୍ରପତି ଶ୍ରୀ ପୁଟିନ କିଭ୍ ଉପରେ ୩ ଦିନ ଆକ୍ରମଣ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ ଶ୍ରୀ ଜେଲେନେସ୍କି ମଧ୍ୟ କହିଛନ୍ତି, ଆସନ୍ତା ସୋମବାର ପର୍ଯ୍ୟନ୍ତ ମସ୍କୋ ଉପରେ ଆକ୍ରମଣକୁ ସ୍ଥଗିତ ରଖାଯାଇଛି ।

## ବ୍ୟାଡ୍‌ମିଣ୍ଟନ - ଚୀନ ମାଷ୍ଟର୍ସ

ଶେନ୍‌ଝେନ୍‌ଠାରେ ଅନୁଷ୍ଠିତ ପୁରୁଷ ଡବଲ୍‌ସ୍ ଫାଇନାଲ୍‌ରେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ୍ ରାଙ୍କି ରେଡ୍ଡି ଓ ଚିରାଗ ସେଟ୍ଟି ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟାଇଟଲ୍ ହାସଲ କରିଛନ୍ତି । ଭାରତୀୟ ଯୋଡ଼ି' ଚୀନ୍‌ର ହେ ଜି ତିଙ୍ଗ୍ ଏବଂ ରେନ୍ ଜିଆଙ୍ଗ୍ ୟୁ'ଙ୍କ ଯୋଡ଼ିକୁ ୧୧-୨୧, ୨୧-୧୩ ଏବଂ ୨୧-୧୭ ସେଟ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ଭାରତର ଏହା ହେଉଛି ପ୍ରଥମ ଚାଇନା ମାଷ୍ଟର୍ସ ଟାଇଟଲ୍ ହାସଲ । ଭାରତର ଏହି ଯୋଡ଼ି ପୂର୍ବରୁ ସିଙ୍ଗାପୁରଓ୍ବ ସୁପର ୭୫୦ରେ ବିଜୟୀ ହେବା ସହ ଥାଇଲାଣ୍ଡ ଓପନ୍ ସୁପର ୫୦୦ରେ ରନର୍ସ ଅପ୍ ହୋଇଥିଲା ।

ବିଶ୍ୱର ଏହି ୫ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ସେମିଫାଇନାଲ୍‌ରେ ମାଲେସିଆର ନୁର୍ ମହମ୍ମଦ ଅଜରିୟାନ୍ ଆୟୁବ୍ ଏବଂ ତାନ୍ ୱି କ୍ୟୋଙ୍ଗ୍‌ଙ୍କୁ ୨୧-୧୫, ୧୮-୨୧, ୨୧-୧୧ ସେଟ୍‌ରେ ପରାସ୍ତ କରିଥିଲେ ।

*****